## ସଂକ୍ଷେପରେ ସଚ୍ଚିଦାନନ୍ଦ

ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତିଙ୍କ ଜନ୍ମ କଟକ ଜିଲାରେ । ସୁପ୍ରସିଦ୍ଧ ନାରୀ କବି ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ସେ ହେଉଛନ୍ତି ଦ୍ୱିତୀୟ ସନ୍ତାନ । ବାପା ପଞ୍ଚାନନ ମହାନ୍ତି ରାଜ୍ୟ ସରକାରଙ୍କ ବିତ୍ତ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ । ପତ୍ନୀ ସ୍ମିତା ମହାନ୍ତିଙ୍କ ସହ ପ୍ରଫେସର ମହାନ୍ତି ଏବେ କୋରାପୁଟ ଜିଲାର ସୁନାବେଡ଼ାରେ ରହୁଛନ୍ତି । କର୍ମ ବଳରେ ସେ ରାଜ୍ୟ ତଥା ରାଜ୍ୟ ବାହାରେ ଜଣେ ବିଶିଷ୍ଟ ଶିକ୍ଷାବିତ୍, ସୁ ଲେଖକ, ଗବେଷକ ଓ ସୁବକ୍ତା ଭାବେ ସମଗ୍ର ରାଜ୍ୟରେ ବେଶ ଜଣାଶୁଣା । ଶିକ୍ଷା କ୍ଷେତ୍ରରେ ଅଗାଧ ପାଣ୍ଡିତ୍ୟ ଥିଲେ ହେଁ ପ୍ରଫେସର ମହାନ୍ତି ନିଜକୁ ନେଇ କେବେ ଗର୍ବ କରନ୍ତି ନାହାନ୍ତି । ବହୁ ସମ୍ମାନର ଅଧିକାରୀ ହୋଇଥିଲେ ମଧ୍ୟ ସେ ଜଣେ ସରଳ, ଅମାୟିକ ଓ ଆଦର୍ଶ ପ୍ରଫେସର ଭାବେ ବେଶ ପରିଚିତ । କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ସାଙ୍ଗକୁ ଗଭୀର ଅଧ୍ୟବସାୟ ବଳରେ ସେ ଆଜି ଶୀର୍ଷ ସୋପାନରେ ପହଞ୍ଚି ପାରିଛନ୍ତି । ପରିଚାଳନା ସାଙ୍ଗକୁ ଅଧ୍ୟାପନା ଓ ଶିକ୍ଷା କ୍ଷେତ୍ରରେ ଏକ ଉନ୍ନତ ବାତାବରଣ ଉପରେ ସେ ସର୍ବଦା ଗୁରୁତ୍ୱ ଦେଇଥା'ନ୍ତି ।



ସମସ୍ତ ପ୍ରକାର ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱରେ କୋରାପୁଟରେ ଅବସ୍ଥାପିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ । ସୁନ୍ଦର ପରିବେଶ ଓ ଶୈକ୍ଷିକ ବାତାବରଣ ମଧ୍ୟରେ ଆଗେଇ ଚାଲିଥିବା ଏହି ବିଶ୍ୱବିଦ୍ୟାଳୟର କୁଳପତି ଭାବେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇ ଆସୁଛନ୍ତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି । ବିଶ୍ୱବିଦ୍ୟାଳୟର ପରିଚାଳନା ଓ ଶିକ୍ଷାଦାନ ପଦ୍ଧତି ସମ୍ପର୍କରେ ଜାଣିବା ପାଇଁ ତାଙ୍କୁ ଭେଟିଥିଲେ ଆମ ପ୍ରତିନିଧି **ଜିତେନ୍ଦ୍ରକୁମାର ମିଶ୍ର** ।

# ଜନ୍ମମାଟିରେ ଶିକ୍ଷାର ବିକାଶ ଅପାର ଆନନ୍ଦ ଦେଇଥାଏ

**ଆପଣ ଅନ୍ୟ କୌଣସି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ହୋଇ ପାରିଥା'ନ୍ତେ, ହେଲେ ଓଡ଼ିଶାକୁ ବାଛିଲେ କାହିଁକି ?**

■ମୋର ଜନ୍ମ ଓଡ଼ିଶାରେ । ଜଣେ ଓଡ଼ିଆ ବୋଲି ମୁଁ ଗର୍ବ ଅନୁଭବ କରେ । ବାହାରେ ପାଠ ପଢ଼ିଥିଲି । ନିଜ କ୍ୟାରିୟରର ଶେଷ ପର୍ଯ୍ୟାୟରେ ଓଡ଼ିଶାରେ ଶିକ୍ଷାର ବିକାଶ ଦିଗରେ କିଛି କରିବା ଲକ୍ଷ୍ୟରେ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ବାଛିଥିଲି । ମୁଁ ଏଥିପାଇଁ ଆବେଦନ କରିଥିଲି । ସୌଭାଗ୍ୟବଶତଃ ଭାରତ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ହୋଇ ମୁଁ ଏ ସୁଯୋଗ ଲାଭ କରିଛି । ଯେଉଁ ମାଟିରେ ମୋର ଜନ୍ମ ସେଠାରେ ଶିକ୍ଷାର ବିକାଶ ପାଇଁ ଯଦି କିଛି କରିପାରିଲି ତାହା ମୋ ପାଇଁ ସବୁଠାରୁ ଖୁସିର ବିଷୟ ହେବ ।

**■କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆପଣ ଯୋଗଦେବା ପରେ କ'ଣ ସବୁ ପଦକ୍ଷେପ ନେଇଛନ୍ତି ?**

■ଏଠାରେ ଏଣ୍ଟ୍ରାନ୍ସ ପରୀକ୍ଷା କରାଯାଉ ନ ଥିଲା । ପିଲାଙ୍କ ନିଯୁକ୍ତି ସୁଯୋଗ ନିମନ୍ତେ କ୍ୟାମ୍ପସ ବ୍ୟବସ୍ଥା ମଧ୍ୟ କରାଯାଉ ନ ଥିଲା । ପ୍ରଥମେ ଅବ୍ୟବସ୍ଥାକୁ ସଜାଡ଼ି ପରେ ଏସବୁ କରିପାରିଛି । ଆଗାମୀ ଦିନରେ ଆହୁରି ଅନେକ ସ୍ୱପ୍ନ ରହିଛି । ପିଲାଙ୍କ ଶିକ୍ଷାର ବିକାଶ ସହ ଚାରିତ୍ରିକ ବିକାଶ ଦିଗରେ ଦୃଷ୍ଟି ଦିଆଯାଉଛି । ସାଂସ୍କୃତିକ ଚିନ୍ତାଧାରାରେ ପିଲା ବଢ଼ିବା ସହ ବିଶ୍ୱବିଦ୍ୟାଳୟରେ ଏକ ଉନ୍ନତ ଶୈକ୍ଷିକ ବାତାବରଣ ତିଆରି କରିବା ପାଇଁ ଚେଷ୍ଟା କରୁଛି । ଆବଶ୍ୟକ ଅଧ୍ୟାପକ ଓ କର୍ମଚାରୀ ପଦ ପୂରଣ ନେଇ ପଦକ୍ଷେପ ନିଆଯାଉଛି । ସରକାରଙ୍କୁ ବହୁ ପ୍ରସ୍ତାବ ଦିଆଯାଇଛି । କୋରାପୁଟରେ ଅବସ୍ଥାପିତ ଏହି ବିଶ୍ୱବିଦ୍ୟାଳୟ ଯେପରି ସମଗ୍ର ଦେଶରେ ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ହୋଇପାରିବ ସେଥିପାଇଁ ଅବିରତ ଚେଷ୍ଟା ଚଳାଇଛି ।

**■କୋରାପୁଟକୁ କର୍ମଭୂମି ଭାବେ ବାଛିଲେ କାହିଁକି ?**

■ମୋ ପୂର୍ବରୁ ଯେଉଁ କୁଳପତିମାନେ ରହିଥିଲେ ସେମାନେ ଏଠାରେ ରହୁ ନ ଥିଲେ । ମୁଁ ୭ ଅଗଷ୍ଟ ୨୦୧୫ରେ ଯୋଗ ଦେଇଥିଲି । ଯୋଗ ଦେବା ପରଠାରୁ ହିଁ ମୁଁ କୋରାପୁଟରେ ରହୁଛି । ଘର ମୋର କଟକରେ ହୋଇଥିଲେ ହେଁ ଏଠାରେ ରହି ପିଲା ଓ କର୍ମଚାରୀଙ୍କ ସୁଖଦୁଃଖରେ ସାମିଲ୍ ହୋଇ ଏକ ଭଲ ବାତାବରଣ ତିଆରି କରିବା ପାଇଁ ଚେଷ୍ଟା ଚଳାଇଛି । ମୋ ମତରେ ଅଞ୍ଚଳର ବିକାଶରେ ପ୍ରଦେଶ ଓ ଦେଶର ବିକାଶ ହୋଇପାରିବ ।

**■ଅନୁଷ୍ଠାନର ଉନ୍ନତି ପାଇଁ କେଉଁ କେଉଁ ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ କିଛି କହିବେ କି?**

■ପୂର୍ବରୁ ପିଲା ସ୍ଥାୟୀ କ୍ୟାମ୍ପସରେ ରହୁ ନ ଥିଲେ । ମୁଖ୍ୟ କ୍ୟାମ୍ପସକୁ ବିଦ୍ୟୁତ୍ କିମ୍ବା ପାଣିର ସଂଯୋଗ ମଧ୍ୟ ହୋଇପାରି ନ ଥିଲା । ଜମି ପଞ୍ଜୀକରଣ ମଧ୍ୟ ହୋଇପାରି ନ ଥିଲା । ପିଲାମାନେ କ୍ୟାମ୍ପସ ବାହାରେ ଭଡ଼ାରେ ରହୁଥିଲେ । ବିଶ୍ୱବିଦ୍ୟାଳୟ ଭଡ଼ା ଗୃହରେ ଚାଲିଥିବାବେଳେ ରହିବା ଓ ଗମନାଗମନ ବାବଦକୁ ମାସକୁ ୧୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଭଡ଼ା ବାବଦକୁ ଦେବାକୁ ପଡୁଥିଲା । ଏସବୁ ସମସ୍ୟାର ସମାଧାନ କରିପାରିଛି ।

**■ପାରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ କ'ଣ କରିଛନ୍ତି ?**

■ସୁନାବେଡ଼ା ଓ କୋରାପୁଟରେ ସୀମିତ ନ ରଖି ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର ଭଳି ଜିଲାରେ ପିଲାଙ୍କ ଶିକ୍ଷାର ବିକାଶ ପାଇଁ ଚେଷ୍ଟା ଚାଲିଛି । ମାଲକାନଗିରି ମଡେଲ କଲେଜକୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଛି । ଅନ୍ୟ ମହାବିଦ୍ୟାଳୟଗୁଡ଼ିକ ପକ୍ଷରୁ ପ୍ରସ୍ତାବ ଆସିଲେ ତାହାକୁ ମଧ୍ୟ ବିଚାରକୁ ନିଆଯିବ । ଦୀପ ତଳ ଅନ୍ଧାର ଭଳି ଏ ଅଞ୍ଚଳର ପ୍ରତିଭା ଲୁଚି ନ ଯାଉ, ସେଥିପାଇଁ ବିଭିନ୍ନ ଅନୁଷ୍ଠାନ ସହ ଚୁକ୍ତି ମଧ୍ୟ କରାଯାଇଛି । କ୍ୟାମ୍ପସ ପରିସରରେ ପୁଲିସ ଆଉଟପୋଷ୍ଟ ଓ ବ୍ୟାଙ୍କର ଶାଖା ଖୋଲାଯିବା ପାଇଁ ଚେଷ୍ଟା କରୁଛି । ଆମ ଅନୁଷ୍ଠାନର ପିଲାମାନେ ଗାଁ ଗାଁକୁ ଯାଇ ଶିକ୍ଷା ଓ ପରିବେଶ ବିଷୟରେ ଲୋକଙ୍କୁ ସଚେତନ କରାଉଛନ୍ତି । ଏହାବ୍ୟତୀତ ବିଶ୍ୱବିଦ୍ୟାଳୟର ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି କ୍ଷେତ୍ରରେ ଏହି ଗ୍ରାମ ଗୁଡ଼ିକର ଲୋକଙ୍କୁ ଅଗ୍ରାଧିକାର ଭିତ୍ତିରେ ସୁଯୋଗ ଦିଆଯାଉଛି । ଦକ୍ଷତା ବୃଦ୍ଧି ପାଇଁ କୌଣସି ସ୍ୱତନ୍ତ୍ର ବଜେଟ ନ ଥିବାରୁ ବିକାଶ ପ୍ରକ୍ରିୟା ପାଇଁ ନାଲ୍‌କୋ ଓ ହାଲ୍ କର୍ତ୍ତୃପକ୍ଷଙ୍କ ସହ ଚୁକ୍ତି କରି ଏସବୁ ଆଗେଇ ନେବା ପାଇଁ ଚେଷ୍ଟା କରୁଛି ।

**■ଲେଖକ ହିସାବରେ ଆପଣ କ'ଣ ମତ ରଖିବେ ?**

■ମୋର ତିନୋଟି ବହି ମୋତେ ଭଲ ଲାଗେ । 'ଲଷ୍ଟ ୱାର୍ଲଡ ଅଫ ସରଳାଦେବୀ, ବିସ୍ମୃତ ପରମ୍ପରା , ଓଡ଼ିଆ ସାହିତ୍ୟରେ ନାରୀ ଚେତନା । ଆଉ ମୋତେ ଭଲ ଲାଗେ ଗୋପୀନାଥ ମହାନ୍ତି, ପ୍ରତିଭା ରାୟ, ମୋ ମା' ବିଦ୍ୟୁତପ୍ରଭା ଦେବୀ, ସରଳାଦେବୀ, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ମନୋଜ ଦାସଙ୍କ ଲେଖା ପଢ଼ିବା ପାଇଁ । ଇଂରାଜୀ ବହି ଭିତରେ ଡିଏଚ ଲୋରେନ୍ସ, ହେମିଙ୍ଗୱେ, ଜୋସେଫ କର୍ଡିନାଲ ପ୍ରମୁଖଙ୍କ ଲେଖା ମୋତେ ବହୁତ ଭଲ ଲାଗେ ।

**■ଭବିଷ୍ୟତ ଯୋଜନା ସମ୍ପର୍କରେ କିଛି କହିବେ କି ?**

■କର୍ମଚାରୀଙ୍କ ଉଦ୍ୟମ ଓ କଠିନ ପରିଶ୍ରମ ବଳରେ ଆମ ବିଶ୍ୱବିଦ୍ୟାଳୟକୁ "ବି+' ମାନ୍ୟତା ମିଳିପାରିଛି । ଆଗକୁ ଯେପରି ଏ ଅନୁଷ୍ଠାନ ଆହୁରି ଆଗକୁ ବଢ଼ିବ ଓ ଆଦର୍ଶ ଅନୁଷ୍ଠାନ ଭାବେ ଦେଶରେ ପରିଚୟ ସୃଷ୍ଟି କରିପାରିବ ସେଥିପାଇଁ ଚେଷ୍ଟା ମଧ୍ୟ କରୁଛି । କର୍ମଚାରୀ ପଦ ପୂରଣ ନିମନ୍ତେ ୟୁଜିସିକୁ ପ୍ରସ୍ତାବ ଦେଇଛି । କୋରାପୁଟ ଜିଲାକୁ ଉନ୍ନତମାନର ଗମନାଗମନର ବ୍ୟବସ୍ଥା ନ ଥିବା ଯୋଗୁଁ ତୁରନ୍ତ ଜୟପୁର କୋରାପୁଟକୁ ଏୟାର ଲିଙ୍କ କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଛି । ଏହାବ୍ୟତୀତ ରାଜଧାନୀ ସହ ସଂଯୋଗ ପାଇଁ କୋରାପୁଟରୁ ଏକ ଦ୍ରୁତଗାମୀ ଟ୍ରେନର ବ୍ୟବସ୍ଥା କରାଯିବା ପାଇଁ ପଦକ୍ଷେପ ନିଆଯିବାକୁ ଅନୁରୋଧ କରିଛି । ■

## ସ୍ୱୀକୃତି ଓ ସମ୍ମାନ

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ପ୍ରଫେସର ମହାନ୍ତି ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ଦାୟିତ୍ୱ ତୁଲାଉଥିଲେ । ଏହାବ୍ୟତୀତ ସେ ହାଇଦରାବାଦସ୍ଥିତ ଆମେରିକାନ ଷ୍ଟଡିଜ ରିସର୍ଚ୍ଚ ସେଣ୍ଟରର ଆକାଡେମିକ ଆସୋସିଏଟ ଭାବେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇଥିଲେ । ସେ ବହୁ ଜାତୀୟ ଓ ଆନ୍ତର୍ଜାତିକ ସମ୍ମାନର ଅଧିକାରୀ ଅଟନ୍ତି । ବ୍ରିଟିଶ କାଉନସିଲ ଦି ସାଲ୍‌ଜାବର୍ଗ, ଦି କଥା ଏବଂ ଦି ଫଲବ୍ରାଇଟ । ଜଣେ ସୁଲେଖକ ଭାବେ ପରିଚିତ ପ୍ରଫେସର ମହାନ୍ତି ଓଡ଼ିଆ ଓ ଇଂରାଜୀ ଭାଷାରେ ୨୯ଟି ପୁସ୍ତକ ଲେଖିଛନ୍ତି । ଏହାବ୍ୟତୀତ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ ପତ୍ରପତ୍ରିକାରେ ଜଣେ ସ୍ତମ୍ଭକାର ଭାବେ ପ୍ରଫେସର ମହାନ୍ତିଙ୍କ ବହୁ ଲେଖା ପ୍ରକାଶିତ ହୋଇଛି । ସେ ଜଣେ ସୁବକ୍ତା ଭାବେ ଜଣାଶୁଣା । କର୍ଣ୍ଣେଲ ବିଶ୍ୱବିଦ୍ୟାଳୟ, ପିଟ୍‌ସବର୍ଗ ବିଶ୍ୱବିଦ୍ୟାଳୟ, ନ୍ୟୁୟର୍କର ସିଟି ବିଶ୍ୱବିଦ୍ୟାଳୟ, କାଲିଫର୍ଣ୍ଣିଆ ଷ୍ଟେଟ ୟୁନିଭରସିଟି, ତାଓସସ୍ଥିତ ୟୁନିଭରସିଟି ଅଫ ନ୍ୟୁମେକ୍ସିକୋ, ଚିକାଗୋସ୍ଥିତ ଲୋୟଲା ୟୁନିଭରସିଟି ଏବଂ ଅଷ୍ଟ୍ରେଲିଆ ମୁକ୍ତ ବିଶ୍ୱବିଦ୍ୟାଳୟ, କାନବେରା, ନ୍ୟାସନାଲ ୟୁନିଭରସିଟି ଅଫ ସିଙ୍ଗାପୁର ଭଳି ବହୁ ବିଶ୍ୱବିଦ୍ୟାଳୟରେ ବକ୍ତା ଭାବେ ଯୋଗଦେଇ ପ୍ରଶଂସାଭାଜନ ହୋଇପାରିଛନ୍ତି । ତାଙ୍କର ଦକ୍ଷତା ଓ ପାରଦର୍ଶିତା ପାଇଁ ତାଙ୍କୁ ଜାତୀୟ ଓ ଆନ୍ତର୍ଜାତିକସ୍ତରରେ ବହୁ ସମ୍ମାନ ଓ ସ୍ୱୀକୃତି ମିଳିଛି । ସମ୍ପ୍ରତି ସେ ୟୁନେସ୍କୋର ଶିକ୍ଷା ପାଇଁ ଗଠିତ କମିସନରେ ଜଣେ ସଦସ୍ୟ ଭାବେ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ହୋଇଛନ୍ତି । ଭାରତ ସରକାରଙ୍କ ମାନବ ସମ୍ବଳ ବିଭାଗ ଦ୍ୱାରା ପରିଚାଳିତ ଆରୋଭିଲା ଫାଉଣ୍ଡେସନର ପରିଚାଳନାମଣ୍ଡଳୀ ସଦସ୍ୟ ଭାବେ ସେ ମନୋନୀତ ହୋଇଛନ୍ତି । ନିଜର ପ୍ରତିଭା ବଳରେ ସେ ବହୁ କ୍ଷେତ୍ରରେ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିପାରିଛନ୍ତି ।

